# ମେଗା ପ୍ରକଳ୍ପ କାର୍ଯ୍ୟକୁ ଗୁମ୍ଭାରିଗୁଡ଼ା ଗ୍ରାମବାସୀଙ୍କ ବିରୋଧ

ଦଶମନ୍ତପୁର, ୨୩।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ନିକଟ ରାୟଗଡ଼ା ଜିଲା ଅନ୍ତର୍ଗତ କାଶୀପୁର ବ୍ଲକର କୁଚେଇ ପଦର ପଞ୍ଚାୟତର ଗମ୍ଭାରିଗୁଡ଼ା ଗ୍ରାମର ଗ୍ରାମବାସୀ ନବନିର୍ମିତ ମେଗା ପ୍ରକଳ୍ପର ପାଣି ସଂଯୋଗରୁ ବଞ୍ଚିତ ଥିବା ଶୁଣି ଚାଲିଥିବା କାର୍ଯ୍ୟକୁ ବନ୍ଦ କରି ସମ୍ପୃକ୍ତ କାର୍ଯ୍ୟରେ ନିୟୋଜିତ ଥିବା ସୁପରଭାଇଜରଙ୍କୁ ସୋମବାର ଘେରିଥିବା ଦେଖିବାକୁ ମିଳିଛି।

ଗ୍ରାମର ମୋଟ ୫୫ ଆଦିବାସୀ ସମ୍ପ୍ରଦାୟର ଗ୍ରାମବାସୀଙ୍କ ପାଇଁ ଗୋଟିଏ ନଳକୂପ ଥିବା ଯୋଗୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ଗାଁ ନିକଟ ନାଇଡି ନାଳର ପାଣିକୁ ବର୍ଷ ବର୍ଷ ଧରି ପାନୀୟ ଜଳ ଭାବେ ବ୍ୟବହାର କରିଆସୁଛନ୍ତି। ଦଶମନ୍ତପୁର ବ୍ଲକ୍‌ରେ ନୂତନ ଭାବେ କାର୍ଯ୍ୟ କରୁଥିବା ମେଗା ପ୍ରକଳ୍ପ ପାଇପ କାର୍ଯ୍ୟ କାଶୀପୁର ବ୍ଲକ ଗମ୍ଭାରୀଗୁଡ଼ା ଗାଁ ଦେଇ ପାଇପ କାମ ଚାଲିଛି। କିନ୍ତୁ ପାଣି ନ ମିଳିବା ଖବର ଶୁଣିବା ପରେ ଗ୍ରାମବାସୀ ଏହି ମେଗା ପ୍ରକଳ୍ପକୁ ବିରୋଧ କରିଛନ୍ତି। ଆମକୁ ପାଣି ମିଳିବ ନାହିଁ ଆମ ଜମିରେ ଏହି ପ୍ରକଳ୍ପ ପାଇପ ପୋତିବାକୁ ଦେବୁନାହିଁ ବୋଲି କହି ଗ୍ରାମବାସୀ ନିର୍ମାଣଧୀନ ମେଗା ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିଥିଲେ। ସମ୍ପୃକ୍ତ ସୁପରଭାଇଜରଙ୍କୁ ଉତ୍ତ୍ୟକ୍ତ ଲୋକେ ଦୀର୍ଘ ଘଣ୍ଟା ଯାଏ ଘେରିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବାନୁସାରେ ଏହି ମେଗା ପ୍ରକଳ୍ପ ମାଧ୍ୟମରେ ଗୁମ୍ଭାରିଗୁଡ଼ାକୁ ପାନୀୟ ଜଳ ଯୋଗାଇବା ଲିଷ୍ଟରେ ନାହିଁ ବୋଲି ସ୍ଥାନୀୟ ଦଶମନ୍ତପୁର ଅତିରିକ୍ତ ତହସିଲଦାର ଜଗୁ ପୂଜାରୀଙ୍କ ସୂଚନାରୁ ଜାଣିଥିଲେ। ଦଶମନ୍ତପୁର ବ୍ଲକସ୍ଥିତ ଡଣ୍ଡାବାଡ଼ ପୋଲଠାରୁ ଗମ୍ଭାରିଗୁଡ଼ା ଘାଟି



ଗ୍ରାମବାସୀ କାର୍ଯ୍ୟକୁ ବିରୋଧ କରୁଛନ୍ତି।

### ଗ୍ରାମକୁ ପାଣି ଯୋଗାଇବା ଦାବିରେ ସୁପରଭାଇଜଙ୍କୁ ଘେରିଲେ ଲୋକେ

ପ୍ରାୟ ୫ଶହ ମିଟର ଯାଏ ଗ୍ରାମବାସୀଙ୍କ ଜମି ରହିଛି। କିନ୍ତୁ ଆମକୁ ଏହି ବ୍ଲକର ମେଗା ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଇ ଦିଆନଗଲେ ଆମେ ମଧ୍ୟ ପାଇପ ପୋତିବାକୁ ଆମ ଜମି ଦେବୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଘଟଣାସ୍ଥଳରେ କିଛି ସମୟ ଚାପ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୀର୍ଘ ଘଣ୍ଟା ଗଣମାଧ୍ୟମ ପ୍ରତିନିଧିଙ୍କ ବୁଝାଶୁଝା ପରେ ସମ୍ପୃକ୍ତ ମେଗା ପ୍ରକଳ୍ପ ସୁପରଭାଇଜର ମ୍ୟାପରେ ଗମ୍ଭାରିଗୁଡ଼ା ଗ୍ରାମର ମଧ ଲିଷ୍ଟ ଥିବା ଦେଖାଇଥିଲେ। ଗୁମ୍ଭାରିଗୁଡ଼ା ଗ୍ରାମରେ ମଧ୍ୟ ପାଇପ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବିରୋଧରୁ ଓହରିଥିବା ଜଣାପଡ଼ିଛି।

# ସିୟୁଓରେ ପ୍ରଶାସନିକ ଅବ୍ୟବସ୍ଥା ଅଭିଯୋଗ

### ମାନବାଧିକାର ଆୟୋଗକୁ ଚିଠି

କୋରାପୁଟ, ୨୩।୨ (ଅମିତାଭ ବେହେରା)

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ଦୀର୍ଘଦିନ ଧରି ଚାଲୁଥିବା ପ୍ରଶାସନିକ ଅବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ମୌଳିକ ଅଧିକାର ଓ ଶିକ୍ଷା ଅଧିକାର ଉଲ୍ଲଂଘନ ଅଭିଯୋଗରେ ଜାତୀୟ ସ୍ତରରେ ମାମଲା ଉଠିଛି। ମାନବାଧିକାର କର୍ମୀ ଓ ଆଇନଜୀବୀ ଅନୁପ କୁମାର ପାତ୍ରଙ୍କ ପକ୍ଷରୁ ଜାତୀୟ ମାନବ ଅଧିକାର କମିଶନଙ୍କୁ ଏକ ଅଭିଯୋଗ ପତ୍ର ଦାଖଲ କରାଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଆରମ୍ଭ ହେବାଠାରୁ ସ୍ଥାୟୀ ନେତୃତ୍ୱର ଅଭାବ ରହିଛି। ବର୍ତ୍ତମାନ ମଧ୍ୟ ନିୟମିତ ଉପକୁଳପତି ନ ଥିବାରୁ ପ୍ରଶାସନିକ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପରୀକ୍ଷା ହେଉନି, କୃଷି ଓ ଡେୟରୀ ବିଭାଗର ପରୀକ୍ଷା ପ୍ରାୟ ୨ ବର୍ଷ ଧରି ହୋଇ ନ ଥିବାରୁ ଅନ୍ତିମ ବର୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଥିବା ଉଲ୍ଲେଖ କରାଯାଇଛି। କେତେଜଣ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ମାନସିକ ଉତ୍ପୀଡନ କରାଯାଉଥିବା ଅଭିଯୋଗ ହୋଇଛି। ୨୦୨୪ ଅକ୍ଟୋବରରେ ୫ ଛାତ୍ରଙ୍କୁ ନିୟମିତ ପ୍ରକ୍ରିୟା ବ୍ୟତୀତ ବହିଷ୍କୃତ କରାଯାଇଥିବା ଉଲ୍ଲେଖ ହୋଇଛି। ମୌଳିକ ସୁବିଧା ଅଭାବ କ୍ୟାମ୍ପସରେ ପରିଷ୍କାର ପାଣି, ଭଲ ଖାଦ୍ୟ ଓ ଇଣ୍ଟରନେଟ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରଭାବିତ ହେଉଥିବା ଅଭିଯୋଗ ପତ୍ରରେ କୁହାଯାଇଛି। ପ୍ରଶାସନିକ ବିଳମ୍ବ କରାଯାଉଥିବାରୁ ଅନେକ ଆଦିବାସୀ ଛାତ୍ରୀଛାତ୍ର ବୃତ୍ତି ପାଇପାରୁନାହାନ୍ତି। ବିଶ୍ୱବିଦ୍ୟାଳୟରେ ତଦନ୍ତକରି ସ୍ଥାୟୀ ଉପକୁଳପତି ନିଯୁକ୍ତି, ମୌଳିକ ସୁବିଧା ସୁନିଶ୍ଚିତ କରାଯାଇ ଛାତ୍ରଙ୍କୁ ଉତ୍ପୀଡନରୁ ସୁରକ୍ଷା ଦେବା ଆଦି ଦାବି କରାଯାଇଛି।



National Human Rights Commission
Manav Adhikar Bhawan Block-C, GPO Complex, INA, DELHI -110023

Adv. Anup Kumar Patro,
SriRam Nagar,Parabeda,Jeypore-764001 KORAPUT , ODISHA
Dated: 23/02/2026

Dear Adv. Anup Kumar Patro,
The Commission has recieved your complaint and it has assigned diary number as **4045/IN/2026** with the following details:-

**Complainant Details**

| | | | |
|---|---|---|---|
| Name: | Adv. Anup Kumar Patro | | |
| Mobile: | 9437165095 | Email: | anuppatro5522@gmail.com |
| Address: | SriRam Nagar,Parabeda,Jeypore-764001 | | |
| District: | KORAPUT | State: | ODISHA |

File Uploaded successfully ( CUO.pdf )

**Victim Details**

| | | | |
|---|---|---|---|
| Victim Name: | Students of CUO | Gender: | Unknown |
| Religion: | Unknown | Cast: | Unknown |
| Address: | Sunabeda763004 | | |
| District: | KORAPUT | State: | ODISHA |

**Incident Details**

| | | | |
|---|---|---|---|
| Incident Place: | Central University Odisha | Incident Date: | 23/02/2026 |
| Incident Category: | MISCELLENOUS | | |
| Incident District: | KORAPUT | Incident State: | ODISHA |
| Is it filed before any Court / State HRC | No | | |
| Incident Details: | BEFORE THE HON'BLE CHAIRPERSON, NATIONAL HUMAN RIGHTS COMMISSION, Manav Adhikar Bhawan, Block-C, G.P.O. Complex, I.N.A., New Delhi – 110023. IN THE MATTER OF: A Complaint against the Central University of Odisha (CUO), Koraput, regarding systemic violations of the Right to Education, administrative tyranny, and the denial of basic human dignity to students. MOST RESPECTFULLY SHOWETH: I, Adv. Anup Kumar Patro, resident of Sriram Nagar, Parabeda, Jeypore - 764001, Dist. Koraput, Odisha, am a citizen of India and a dedicated Human Rights Defender. In my capacity as an Advocate and RTI Activist, I am committed to social reform and the protection of the constitutional rights of Indian citizens. I. STATEMENT OF FACTS The Complainant seeks to bring to the Hon'ble Commission's urgent attention the severe institutional decay at the Central University of Odisha (CUO). Based on credible local media reports and internal grievances, the fundamental rights of thousands of students are being systematically violated under a recurrent "ad-hoc" administration (as a media highlighted and it is true as per best of knowledge). 1. Chronic Leadership Instability: Since its inception, the University has suffered from a lack of permanent leadership, oscillating between only four regular Vice-Chancellors and four acting/in-charge appointments. This leadership vacuum has resulted in "administrative paralysis." • Regular VCs: Prof. Surabhi Banerjee (2009–2014); Prof. Sachidananda Mohanty (2015–2019); Prof. I. Ramabrahmam (2019–2021); Prof. Chakradhar Tripathi (2022–2025). • Current Status: Following the resignation of Prof. Chakradhar Tripathi on 30/04/2025, the institution is currently managed by Acting VC Prof. Narasingha Charan Panda. An acting administration typically lacks the legal mandate for long-term policy and financial decisions, leading to a total lack of accountability. 2. Violation of Right to Education (Article 21A): The University has failed to conduct examinations for the Agriculture and Dairy Science departments for nearly two years. This has left final-year students in a state of academic paralysis, jeopardizing their careers and future prospects. 3. Administrative Harassment and Arbitrary Actions: Students have alleged severe mental harassment by certain Heads of Departments, specifically Dr. Manju Shri Singh (Agriculture) and Dr. Sanjay Pradhan (Forestry). Furthermore, five students were reportedly expelled in October 2024 without following due process or the principles of natural justice. 4. Deprivation of Basic Amenities: Despite its status as a Central University, the campus lacks basic necessities such as clean drinking water, quality food, and functional Wi-Fi. Such deprivation constitutes a violation of the Right to Life with Dignity under Article 21. 5. Financial Distress of Tribal Students: Due to administrative delays in verification processes, many tribal students have been denied government fellowships and stipends, pushing them into severe financial hardship. Being a Right Activist Advocating for Justice, Fairness, and the Protection of Human Rights in the exigency of Victim students of Central University of Odisha , I felt the issue is purely in violation of Human Rights. | | |

ଜାତୀୟ ମାନବ ଅଧିକାର କମିଶନଙ୍କୁ ଦିଆଯାଇଥିବା ପତ୍ର।

# ଜୋର୍ ଧରିଲା ଜୟପୁରକୁ ଜିଲା ଘୋଷଣା ଦାବି




ଦାବିପତ୍ର ଦେବାକୁ ଆସିଥିବା ଜୟପୁରବାସୀ।

ଜୟପୁର, ୨୩।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ନାଗରିକଙ୍କ ପକ୍ଷରୁ ଜୟପୁରକୁ ଜିଲା ଘୋଷଣା ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ବାଲାଜି ବ୍ରହ୍ମାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୬୨ ଧାରା ଅନୁଯାୟୀ ଜୟପୁରକୁ ନୂତନ ଜିଲା କରିବାକୁ ଅନୁରୋଧ କରାଯାଇଛି। ଜିଲାର ଲମତାପୁଟ ବ୍ଲକ, ମାଲକାନଗିରି ଜିଲାର ଗୋବିନ୍ଦପାଲ୍ଲି, ନବରଙ୍ଗପୁର ଜିଲାର କୋସାଗୁମୁଡାକୁ ମିଶାଇ ଏକ ନୂତନ ଜୟପୁର ଜିଲା ସୃଷ୍ଟି କରିବାକୁ ଅନୁରୋଧ କରାଯାଇଛି। ଜୟପୁର କୋରାପୁଟ ଜିଲା ବିଭାଜନ ପୂର୍ବରୁ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କୁହାଯାଇଛି। ବିଭାଜନ ପରେ ଜୟପୁର ଏହାର ଗୁରୁତ୍ୱ ହରାଇଥିଲା। କୋରାପୁଟ ଉପଖଣ୍ଡ ୫ ହଜାର ୮୩୭ ବର୍ଗ କି.ମି.ଅଞ୍ଚଳରେ ଥିବା ବେଳେ ଜୟପୁର ଉପଖଣ୍ଡ ୨ହଜାର ୯ ଶହ ୭୦ ବର୍ଗ କି.ମି. ଅଞ୍ଚଳକୁ ବ୍ୟାପିଛି। ଜୟପୁର

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଉପଖଣ୍ଡ ଛତିଶଗଡ ରାଜ୍ୟ ସହ ସୀମା ଅଂଶୀଦାର ରହିଛି। ଜୟପୁର ଉପଖଣ୍ଡରେ ପ୍ରାୟ ୪ ଲକ୍ଷ ଜନସଂଖ୍ୟା ରହିଛି। ଜୟପୁରକୁ ଜିଲା ମାନ୍ୟତା ଦେଲେ ଜୟପୁର ଉପଖଣ୍ଡ ସହ ମାଲକାନଗିରି ଜିଲାର ଗୋବିନ୍ଦପାଲ୍ଲି, ନବରଙ୍ଗପୁର ଜିଲାର କୋଷାଗୁମୁଡା ବ୍ଲକବାସୀ ଉପକୃତ ହେବେ। ଜୟପୁର ଭୌଗୋଳିକ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଜିଲା ହେବା ପାଇଁ ସମସ୍ତପ୍ରକାର ଭିତ୍ତିଭୂମି ରହିଛି। ଜୟପୁରକୁ ଜିଲା ଘୋଷଣା କରାଗଲେ ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ବିକାଶର ଦ୍ୱାର ଖୋଲିବ ବୋଲି ଦାବି କରାଯାଇଛି। ଏହି ସମୟରେ ଶୁଭେନ୍ଦୁ ଶେଖର ବ୍ରହ୍ମା, କିରଣ କୁମାର ମିଶ୍ର, ମଦନ ମୋହନ ନାୟକ, ନବିନ ମାଦଳା, ସନ୍ତୋଷ କୁମାର ପାତ୍ର, ମନହର ତ୍ରିପାଠି ଓ ସାନ ଚୌଧୁରି ପ୍ରମୁଖ ଉପସ୍ଥିତ ଥିଲେ।

# 'ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ'

ସୁନାବେଡ଼ା/ସେମିଳିଗୁଡ଼ା, ୨୩।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ପରଜା ମୁଠାଇ ପଞ୍ଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଛି। ସେମିଳିଗୁଡ଼ା ବ୍ଲକ୍ ବିଡିଓ ଯସ୍ମିନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୋଟ ୩ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ବାଉଣ୍ଡ୍ରି ୱାଲ ନିର୍ମାଣ, ମିଶନଶକ୍ତି ଗୃହ ପରିସରରେ ଫେଭର ବ୍ଲକ ତଥା ପିଇବା ପାଣି ଭଳି ସମସ୍ୟା ରହିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀ

### ପଞ୍ଚାୟତସ୍ତରୀୟ ଜନଶୁଣାଣି

ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ବିଏସ୍‌ଏସ୍ ଓ ଟି. ଶୁରଭି, ବିପିସି ପେଶା ପ୍ରମୋଦ ଖିଲ, ବିପିଏ ସୁନୀଲ ଗରଡା, ଭେଟେନାରୀ ସରୋଜ ଖୋସଲା, ଆରଡବ୍ଲ୍ୟୁଏସ୍‌ଏସ୍ ରମାକାନ୍ତ ନାୟକ, ସ୍ୱାସ୍ଥ୍ୟ ବିଭାଗ ୟୁସିଏ ଗରଡ଼ା, ସ୍ୱାସ୍ଥ୍ୟ କର୍ମୀ ସଂଯୁକ୍ତା ନାୟକ, ପିଇଓ ଶ୍ରୀନିବାସ ପଟ୍ଟନାୟକ, ସରପଞ୍ଚ ଅଞ୍ଜନା ଚପାଡି, ନାଏବ ସରପଞ୍ଚ ବିଷ୍ଣୁ ଗେମେଲ, ସମିତି ପାର୍ବତୀ ଖରା ଉପସ୍ଥିତ ଥିଲେ। ପମ୍ପି ଗାଁ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ବାଉଣ୍ଡ୍ରି ୱାଲ ନିର୍ମାଣ, ଲେକିଡ଼ିଗୁଡ଼ା ଗ୍ରାମବାସୀ ପିଇବା ପାଣି ସମସ୍ୟା ଅଭିଯୋଗ କରିଥିଲେ। ବିଭିନ୍ନ ଗ୍ରାମବରେ ପିଇବା ପାଣି ସମସ୍ୟା ଥିବା ଜାଣି ବିଡିଓ ବିଗିଡି ଯାଇଥିଲେ। ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ସମାଧାନ ନିର୍ଦ୍ଦେଶ ଦେଇଥିଲେ। ଶିବିର ଆୟୋଜିତ ହୋଇଥିବା ପଞ୍ଚାୟତ କାର୍ଯ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଅଭିଯୋଗକାରୀ ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ସହ ପିଇବା ପାଣି ବ୍ୟବସ୍ଥା ପ୍ରଶାସନ କରୁ ନ ଥିବା ଅଭିଯୋଗ ହୋଇଛି। ଶିବିରରେ ଅଧିକାଂଶ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବିଡିଓ ପ୍ରଧାନଙ୍କୁ ପଚାରିବାରୁ ପାଣି ସମସ୍ୟାକୁ ପ୍ରାଥମିକତା ଦେଇ ତୁରନ୍ତ ସମାଧାନ କରାଯିବା ସହ ଅନୁପସ୍ଥିତ ଅଧିକାରୀମାନଙ୍କୁ ନୋଟିସ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଶିବିରରେ ପାଣି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ବିଡିଓ ପ୍ରଧାନ ଭିବି ଜି ରାମଜି ଯୋଜନା ନେଇ ଲୋକଙ୍କୁ ବୁଝାଇଥିଲେ। ଏହାଦ୍ୱାରା ଲୋକେ ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନ କାମ ପାଇପାରିବେ ବୋଲି କହିଛନ୍ତି।



ଶିବିରରେ ଉପସ୍ଥିତ ବିଡିଓ ଏବଂ ଅନ୍ୟ ଅଧିକାରୀମାନେ।

# ଶୁଣାଣିରେ ପାନୀୟଜଳ ସମସ୍ୟା ସମାଧାନ ଦାବି



ଶିବିରରେ ଅଧିକାରୀମାନେ ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

ନନ୍ଦପୁର, ୨୩।୨ (ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତବାସୀ ଅଧିକାରୀଙ୍କୁ ୭ ସମସ୍ୟା ସମ୍ବଳିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସେଥିରୁ ସାମାଜିକ କର୍ମୀ ଏସ୍.କେ.ବାଜି ପାଡୁଆ ପଞ୍ଚାୟତ ସଦର ମହକୁମା ଓ ହରିଜନସାହିର ୨ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁ ନ ଥିବା ଅଭିଯୋଗ କରିଛନ୍ତି। ମଙ୍ଗୁଡୁ ହନ୍ତାଳ ସିରିଗୁଡ଼ା ଗ୍ରାମରେ ନୂତନ ନଳକୂପ ଖନନ, ଶଙ୍କର ପୂଜାରୀ ଗାଲଗାଣ୍ଡା ଗ୍ରାମର ଅଚଳ ନଳକୂପକୁ ସଚଳ କରିବାକୁ, ରାଜୁ ଖିଲ ଚମ୍ପାପୁଟ ଓ ସୁବାସଚନ୍ଦ୍ର ଖଡା ଦାର୍ଲିପୁଟ ଗ୍ରାମର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଅନୁରୋଧ କରାଯାଇଛି। ପାଡୁଆ ପଞ୍ଚାୟତ ସଦର ମହକୁମା ସମେତ ବିଭିନ୍ନ ଗ୍ରାମରେ ଷ୍ଟ୍ରିଟ୍‌ଲାଇଟ୍ ନ ଥିବାରୁ ସଞ୍ଜ ନଇଁଲେ ରାସ୍ତାଘାଟ ଅନ୍ଧାର ହେଉଥିବା ଅଭିଯୋଗ ହୋଇଛି। ଶିବିରରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସରପଞ୍ଚ ଗୋପୀନାଥ ସୀସା, ସମିତିସଭ୍ୟ ନୀଳକଣ୍ଠ ମାଝୀ, ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀ ଉପସ୍ଥିତ ଥିଲେ। ସମସ୍ତ ଅଭିଯୋଗ ପଞ୍ଜୀକୃତ କରାଯାଇଛି। ସହଯୋଗୀ ବିଭାଗ ଅଧିକାରୀ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

# ଭାଜପାରେ ମିଶିଲେ ସୁନାବେଡ଼ା ପୌରାଧ୍ୟକ୍ଷ

ସୁନାବେଡା, ୨୩।୨ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କ ସମେତ କଂଗ୍ରେସର ୨ ଓ ୩ ବିଜେଡି କାଉନସିଲର ଭାଜପାରେ ସୋମବାର ଯୋଗଦେଇଥିବା ଜଣାପଡ଼ିଛି। ପୌର ପରିଷଦର ୧୨ ଓ ୧୫ ନଂ ୱାର୍ଡର କଂଗ୍ରେସ କାଉନସିଲର ମମତା କୁମାରୀ ଖରା ଓ ଅଳକା ଲେଙ୍କାଙ୍କୁ ବିନା କାରଣରେ ଦଳରୁ ବହିଷ୍କାର କରିଥିବା ଦର୍ଶାଇ ଉଭୟ ମୂଳ ସଦସ୍ୟତାରୁ ଇସ୍ତଫା ଦେଇଥିଲେ। ବିଜେଡି ୭,୧୦ ଓ ୧୪ ନମ୍ବର କାଉନସିଲର ଗଜେନ୍ଦ୍ର ମାଝି, ସ୍ୱରୁପା ପଟ୍ଟନାୟକ, ସୁରେନ୍ଦ୍ର କୁମାର ସେଠୀ ସେମାନଙ୍କୁ ଅଣଦେଖା କରୁଥିବା ଦର୍ଶାଇ ଦଳରୁ ଇସ୍ତଫା ଦେଇଛନ୍ତି। ସୁନାବେଡ଼ା ପୌରାଧ୍ୟକ୍ଷ ମଧ୍ୟ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସମସ୍ତେ ନିଜ ଦଳର ମୁଖିଆଙ୍କ ନିକଟକୁ

### କଂଗ୍ରେସର ୨, ବିଜେଡିର ୩ କାଉନସିଲର

ଇସ୍ତଫା ପତ୍ର ପଠାଇଥିବା ଜଣାପଡିଛି। ଇସ୍ତଫା ଦେଇଥିବା ସମସ୍ତ କାଉନସିଲର ଓ ପୌରାଧ୍ୟକ୍ଷ ଭାଜପାରେ ମିଶିଛନ୍ତି। ସୋମବାର ସୁନାବେଡ଼ା ପୌରାଧ୍ୟକ୍ଷ ପାତ୍ର, କଂଗ୍ରେସର ୨ କାଉନସିଲର ଓ ବିଜେଡିର ୩ କାଉନସିଲରଙ୍କ ସମେତ ପ୍ରାୟ ୨୫ କର୍ମକର୍ତ୍ତା ଭାଜପାରେ ମିଶିଥିବା ଜଣାପଡ଼ିଛି। ଭୁବନେଶ୍ୱରସ୍ଥିତ ଭାଜପା ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, କୋରାପୁଟ ବିଧାୟକ ରଘୁରାମ ମାଛ, ଭାଜପା କୋରାପୁଟ ଜିଲା ସଭାପତି ଶିବ ମୁଦୁଲି ଓ ପୂର୍ବତନ ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ଉପସ୍ଥିତିରେ ସମସ୍ତେ ଭାଜପାରେ ମିଶିଛନ୍ତି।



ଭାଜପାରେ ଯୋଗଦେଇଥିବା ସୁନାବେଡ଼ା ପୌରାଧ୍ୟକ୍ଷଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ।

# ଆୟୁର୍ବେଦ ବିକାଶ ପରିଷଦ ପ୍ରସ୍ତୁତି ବୈଠକ

ଜୟପୁର, ୨୩।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଆୟୁର୍ବେଦ ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ ନେଇ ଜୟପୁର ଯାଦବ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ଡା. ସୁଦର୍ଶନ ଗୌଡ଼ଙ୍କ ସଭାପତିତ୍ୱରେ ସମ୍ପାଦକ କବିରାଜ ପରମେଶ୍ୱର ପାତ୍ର ବିବରଣୀ ପାଠ କରିଥିଲେ। ପ୍ରସ୍ତାବିତ ସମ୍ମିଳନୀକୁ ମାର୍ଚ୍ଚ ଶେଷ ସପ୍ତାହ ରବିବାର ଦିନ କରିବାକୁ ସ୍ଥିର ହୋଇଛି। ଏଥିରେ ଆୟୁର୍ବେଦର ପ୍ରସାର ସହ ଚିକିତ୍ସକ, ବୈଦ୍ୟ, ଦିଶାରୀ ଏବଂ ଆୟୁର୍ବେଦପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ନିଷ୍ପତି ହୋଇଛି। ବୈଠକରେ ଉପସଭାପତି କବିରାଜ କ୍ଷେତ୍ରବାସୀ ପଣ୍ଡା, ସହ ସମ୍ପାଦକ ବୈଦ୍ୟ ସତ୍ୟନାରାୟଣ ପରିଚ୍ଛା, ଉପଦେଷ୍ଟା ବୈଦ୍ୟ ଜବାହାରଲାଲ ଜେନା ଓ ହେମନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ସମାଜକୁ ସଚେତନ କରିବାକୁ ସଭା

ଜୟପୁର, ୨୩।୨ (ପବନ ପାଣିଗ୍ରାହୀ)

ଜୟପୁର ରାଜାନଅରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସମାଜର ସୁରକ୍ଷା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜକୁ ଅପରାଧିକ ଗତିବିଧିରୁ ବିମୁଖ କରି ସେମାନଙ୍କୁ ପରିଶ୍ରମ କରି ଆର୍ଥିକ ସ୍ୱଚ୍ଛଳ କରାଇବା ଚେଷ୍ଟାରେ ସଭା କରାଯାଇଛି। ଆବାହକ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଯୁବ ସମାଜକୁ ଭୁଲ ରାସ୍ତାରେ ଓ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ନ ହେବାକୁ ସଚେତନତା କରାଯାଇଛି। ସଭାରେ ଜେକେ ବିକେ ଏଣ୍ଟରପ୍ରାଇଜେସର ସଞ୍ଜୀୟ ଜୈନ, ହିନ୍ଦୁସ୍ଥାନ ସେଲ୍ସର ହିମାଙ୍କ ଅଗ୍ରୱାଲ, ହଟେଲ ସିଗ୍ନେଚର୍ ମାଲିକ ଲବ ହାରନ ଉପସ୍ଥିତ ଥିଲେ।

# ମାଝୀପୁଟ-ଚରମ୍ପି ରାସ୍ତା ମରଣଯନ୍ତା

ନନ୍ଦପୁର, ୨୩।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ସୁନାବେଡା ଆରଡି ବିଭାଗ, ସେମିଳିଗୁଡା ଓ ନନ୍ଦପୁର ବ୍ଲକ ପ୍ରଶାସନର ଛକାପଞ୍ଝାରେ ସୁବାଇ ପଞ୍ଚାୟତର ମାଝିପୁଟ, ଖୁର୍ଜୀ ପଞ୍ଚାୟତର ପଡ଼ାପଦର, ଚରମ୍ପି ଓ ଖଟଲାପୁଟ ଗ୍ରାମକୁ ସଞ୍ଚୋଗୀ ୪ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। ପ୍ରଶାସନିକ ଅଣଦେଖା ଯୋଗୁ ରାସ୍ତାର ଏଭଳି ଅବସ୍ଥା ବୋଲି ଅଭିଯୋଗ ହୋଇଛି। ସୁନାବେଡ଼ା ଆରଡି ବିଭାଗ ପକ୍ଷରୁ ୨୦୦୪-୨୦୦୫ରେ ୨ କି.ମି. ଲେଖାଏ ୨ ରିଚ(ଭାଗ) ମାଝିପୁଟ-ପଡ଼ାପଦର ଓ ପଡ଼ାପଦର-ଖଟଲାପୁଟ ଭାବେ ବିଭକ୍ତ କରାଯାଇଛି। ଏହି ରାସ୍ତା ୨ ଠିକାଦାର ବୁଲୁ ଓ ଜିତୁ ସ୍ୱାଇଁଙ୍କ ଦ୍ୱାରା ନିର୍ମାଣ ଆରମ୍ଭ କରାଯାଇଥିଲା। ୨ ଠିକାଦାର ମେଟାଲ-ମୋରମ ରାସ୍ତାରେ ବିଛାଇ ୨ ପ୍ୟାଚରେ ମାତ୍ର ୫ଶହ ମିଟର ଲେଖାଏ ପିଚୁ ପକାଇଥିଲେ। କିନ୍ତୁ କୌଣସି କାରଣରୁ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ବନ୍ଦ କରିଦେଇଥିଲେ। ଏହି ରାସ୍ତା କାମ ସାରିବାକୁ ବିଭାଗୀୟ ଅଧିକାରୀ ଆଗ୍ରହ ପ୍ରକାଶ କରୁ ନ ଥିବା ଜଣାପଡ଼ିଛି। ପଡିଥିବା ପିଚୁ ସମ୍ପୂର୍ଣ୍ଣ ଉଠିଯାଇଛି। ମେଟାଲ-ମୋରମ ରାସ୍ତାର ଗୋଡ଼ିମାଟି ଉଠି ରାସ୍ତା ଖାଲଖମା ହୋଇଥିବାରୁ ରାସ୍ତାରେ ଗାଡ଼ିମୋଟର, ସାଇକେଲ ଚାଳନା ଓ ଚାଲିବା କଷ୍ଟ ହେଉଥିବା ଖୁର୍ଜୀ ସରପଞ୍ଚ ପଦଲାମ ହନ୍ତାଳ ଓ ୪ ଗ୍ରାମବାସୀ କହିଛନ୍ତି। ମାଝୀପୁଟ ଗ୍ରାମବାସୀ ଓ ପଡ଼ାପଦର, ଚରମ୍ପି ଓ ଖଟଲାପୁଟ ଗ୍ରାମବାସୀ ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଉକ୍ତ ରାସ୍ତା ନିର୍ମାଣ ପାଇଁ ଜିଲାପାଳ ଓ ଆରଡି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଆରଡି ବିଭାଗ ପକ୍ଷରୁ ଏହି ରାସ୍ତାର ପୁରୁଣା ନଥି କାଢ଼ି ଅସମ୍ପୂର୍ଣ୍ଣ ରଖିବାର କାରଣ ଖୋଜି ନୂତନ ଭାବେ ନିର୍ମାଣ କରିବା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ରାସ୍ତା ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ରାସ୍ତା କାମ ଶେଷ ପୂର୍ବରୁ ଉଠିଲାଣି ପିଚୁ



ମାଝୀପୁଟ-ଖଟଲାପୁଟ ରାସ୍ତାରୁ ଲୋକେ ଗୋଡ଼ି ହଟାଉଛନ୍ତି।

# ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

କୋଟପାଡ଼, ୨୩।୨ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଉପ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପଜିଲାପାଳ ଆକାବରମ ସସ୍ୟା ରେଡ୍ଡୀ, ଏସ୍‌ପି ରୋହିତ ବୋର୍ମା, ସିଡିଏମ୍‌ଓ ଡ.ବରାକାନ୍ତ ବେହେରା, କୋଟପାଡ଼ ତହସିଲଦାର ଟ୍ୱିଙ୍କେଲ ସେଠୀ ଉପସ୍ଥିତ ଥିଲେ। ଜିଲାପାଳ ମୋଟ ୩୪ ଅଭିଯୋଗର ଶୁଣିଥିଲେ। ଏଥିରେ ୧୭ ବ୍ୟକ୍ତିଗତ ଓ ୧୭ ସାମୁହିକ ଅଭିଯୋଗ ରହିଥିଲା। ଗିର୍ଲା ପଞ୍ଚାୟତ କୋଟପାଡ଼ ସହର ନିକଟ ଜାତୀୟ ରାଜପଥ ପାର୍ଶ୍ୱର ଆମଡାମୁଣ୍ଡା ଗ୍ରାମକୁ ସଂଯୋଗ ହେଉଥିବା ରାସ୍ତା କାମ ଓ ଗାର୍ଡ ୱାଲ କାମ ନିମ୍ନମାନର ହେବା ସହ ପ୍ରଶାସନର ବିନା ନିର୍ଦ୍ଦେଶରେ ଲକ୍ଷାଧିକ ଟଙ୍କାର କାମ ବିନା ସୂଚନା ଫଳକରେ ଏଇଓ ଏବଂ ଜେଇ କିଭଳି କାମ କରୁଛନ୍ତି ବୋଲି ଠିକାଦାର ସଂଘ ଅଭିଯୋଗ କରିଥିଲେ। ଜିଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁନ୍ଦୁରା ବ୍ଲକ ଦିଗାପୁରର ଶଙ୍କରସଳ ଆଚାର୍ଯ୍ୟଙ୍କ ଜମିକୁ ନିକଟ ତେଲ ଟାଙ୍କି ଲିକ୍ ହୋଇ ଜମିକୁ ତେଲ ବୋହି ଯାଉଥିବା ଅଭିଯୋଗ କରିଥିଲେ। ବ୍ଲକର ଉନ୍ନୟନ କାର୍ଯ୍ୟ ଅତିଶୀଘ୍ର ସାରି ଗ୍ରାମାଞ୍ଚଳର ରାସ୍ତା ଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଶୁଣାଣି ହୋଇ କେତେକ ଅଭିଯୋଗର ସମାଧାନ କରାଯାଇଥିଲା। ଶିବିରରେ କୋଟପାଡ଼ ଅଞ୍ଚଳର ଜନପ୍ରତିନିଧି ଓ ସମସ୍ତ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ସମସ୍ୟାଗୁଡ଼ିକର ସମାଧାନ କରିବାକୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ପରେ ଏସ୍‌ପି ନୂଆଗାଁ ଡଙ୍ଗରିଗୁଡା ହସ୍ତତନ୍ତ ବୟନିକା ସେଣ୍ଟରେ ଗସ୍ତ କରି ନୟନତାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରି ଘୁମର ପଞ୍ଚାୟତର ହରଦୁଲି ଗ୍ରାମରେ ଏକ ପୋଲଟ୍ରି ଫାର୍ମ ଗସ୍ତ କରି ତଦାରଖ କରି ବୁଝିଥିବା ଜଣାପଡିଛି। ଶିବିରକୁ କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ ପରିଚାଳନାରେ ସହଯୋଗ କରିଥିଲେ।




ଶିବିରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

# ଶୁଭ୍ରାଙ୍କ ପଦ ରଦ୍ଦ ମାମଲାରେ କାଉନସିଲରଙ୍କ ବିଜୟ: ଶ୍ରମିତା

## ପୌର ପରିଷଦ ଉପାଧ୍ୟକ୍ଷା ଅନାସ୍ଥା ପ୍ରସଙ୍ଗ

ରାୟଗଡ଼ା,୨୩।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ କାଉନସିଲର ଆଣିଥିବା ଅନାସ୍ଥା ପ୍ରସ୍ତାବ ଭୋଟ ଗଣତି ହୋଇ ବାଲଟ ବାକ୍ସରେ କଏଦ ଥିଲା । ବର୍ତ୍ତମାନ ଏହା ଉପରୁ ପରଦା ଉଠିଥିବା ନେଇ ରାୟଗଡ଼ା ପୌର ପରିଷଦର ଅନାସ୍ଥା ଆଣିଥିବା କାଉନସିଲରମାନେ ସୂଚନା ଦେଇଛନ୍ତି । ଅନାସ୍ଥା ପ୍ରସ୍ତାବ ରଦ୍ଦ କରିବା ପାଇଁ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଯେଉଁ ମାମଲା ଦାଏର କରିଥିଲେ, ସେଥିରେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ରାୟ ପ୍ରକାଶ ପାଇଥିବା ନେଇ କାଉନସିଲରଙ୍କୁ ତାଙ୍କ ଆଇନଜୀବୀ ଅଜୟ କୁମାର ନନ୍ଦ ସୂଚନା ଦେଇଥିବା କାଉନସିଲର ଶ୍ରମିତା ପାଢ଼ୀ ପ୍ରକାଶ କରିଛନ୍ତି । ତେବେ ଏ ନେଇ ନିର୍ବାଚନ ଅଧିକାରୀ ତଥା ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରୁ କୌଣସି ନିର୍ଦ୍ଦେଶ ଆସିନାହିଁ ବୋଲି ସେ କହିଛନ୍ତି । ଏହି ଖବରକୁ ନେଇ ସନ୍ଧ୍ୟାରେ ସମସ୍ତ କାଉନସିଲର ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ.ଭାସ୍କର ରାଓଙ୍କ ବାସଭବନ ନିକଟରେ ବାଣ ଫୁଟାଇ ବିଜୟ ଉତ୍ସବ ମନାଇଥିଲେ ।



କାଉନସିଲର୍‌ମାନେ ଖୁସି ମନାଉଛନ୍ତି ।

ପ୍ରକାଶ ଥାଉକି, ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ସମେତ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା, ରାୟଗଡ଼ା ପୌର ପରିଷଦର ୧୯ଜଣ କାଉନସିଲର ଏକକାଳୀନ ଦଳ ଛାଡ଼ିଥିଲେ । ଏହାପରେ ରାୟଗଡ଼ା ପୌର ପରିଷଦର ୨୪ଜଣ କାଉନସିଲରଙ୍କ ମଧ୍ୟରୁ ବିଜେଡ଼ିର ୧୯ଜଣ କାଉନସିଲର କାର୍ଯ୍ୟରେ ଅସହଯୋଗ ଓ ମନମୁଖୀ କାର୍ଯ୍ୟକଳାପ ନେଇ ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏ ନେଇ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଦେଇଥିଲେ । ଏହାପରେ ବିଧିବଦ୍ଧ ଭାବେ ପ୍ରକ୍ରିୟା କରାଯାଇ ଅକ୍ଟୋବର ୯ ତାରିଖରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇଥିଲା । ଏଥିରେ ବିଜେଡିର ୨୦ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟିଂ କରିଥିବା ନେଇ ଚର୍ଚ୍ଚା ହୋଇଥିଲା । ତେବେ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ଦ୍ୱାରା ହାଇକୋର୍ଟରେ ଅନାସ୍ଥା ବିରୋଧରେ ହୋଇଥିବା ଆବେଦନ ପ୍ରକାରେ ଉକ୍ତ ଦିନ ହାଇକୋର୍ଟ ବିଚାରପତି ମାମଲା ବିଚାର ନ ହେବା ଯାଏଁ ଫଳାଫଳ ପ୍ରକାଶ ନ କରିବା ପାଇଁ ରାୟ ପ୍ରକାଶ କରିଥିଲେ । ଏହାପରେ ଏହି ମାମଲାର ଶୁଣାଣି ଶେଷ ହୋଇଥିଲେ ହେଁ ରାୟ ସଂରକ୍ଷିତ ରହିଥିଲା । ଯାହା ସୋମବାର ପ୍ରକାଶ ପାଇଥିବା ନେଇ କାଉନସିଲରଙ୍କୁ ତାଙ୍କ ଆଇନଜୀବୀ ସୂଚନା ଦେଇଥିବା କାଉନସିଲରମାନେ ପ୍ରକାଶ କରିଛନ୍ତି ।

# ଟ୍ରେନ୍ ଧକ୍କାରେ ସଂସ୍କୃତ ଶିକ୍ଷକଙ୍କ ମୃତ୍ୟୁ

## ଆତ୍ମହତ୍ୟା ସନ୍ଦେହ, ଘଟଣାସ୍ଥଳରୁ ମିଳିଲା କାରଣ ଦର୍ଶାଅ ନୋଟିସ୍

ରାୟଗଡ଼ା,୨୩।୨(ଆଶିଷ ରଞ୍ଜନ ପଣ୍ଡା)



ମୃତ ପଞ୍ଚାନନ ଚୌଧୁରୀ

ରାୟଗଡ଼ା ଜିଲା ସଦର ବ୍ଲକ୍ ଜେମାଦେଈପେଣ୍ଠସ୍ଥିତ କଳିଙ୍ଗା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପଞ୍ଚାନନ ଚୌଧୁରୀ (୫୫)ଙ୍କ ସୋମବାର ଏକ ମାଲବାହୀ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି । ବିଦ୍ୟାଳୟ ନିକଟସ୍ଥ ଜାଗିଡି ଯିବା ରେଳ ଫାଟକରେ ଏକ ମାଲବାହୀ ଟ୍ରେନ ଚକା ତଳେ ଚାପି ହୋଇଯିବାରୁ ରେଳ ଧାରଣାରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ପଡି ରହିଥିଲା ।

ଏ ନେଇ ଫାଟକ କର୍ମଚାରୀ ଜେମାଦେଈପେଣ୍ଠ ରେଳ ଷ୍ଟେଶନ ମାଷ୍ଟରଙ୍କୁ ଅବଗତ କରାଇବା ପରେ ସେ ରାୟଗଡ଼ା ଜିଆରପିଏସ୍‌କୁ ଖବର ଦେଇଥିଲେ । ଜିଆରପି ଥାନା ନିରୀକ୍ଷକ ବିନୟ ପ୍ରକାଶ ମିଞ୍ଜଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଘଟଣାସ୍ଥଳରେ ମୃତକଙ୍କ ନିକଟରୁ ଏକ ଚଷମା, ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ତରଫରୁ ମିଳିଥିବା ଏକ କାରଣ ଦର୍ଶାଅ ନୋଟିସ ଆଦି ଜବତ କରାଯାଇଛି । ଅପରପକ୍ଷେ ମିଳିଥିବା କାରଣ ଦର୍ଶାଅ ନୋଟିସରେ ମୃତ ଶିକ୍ଷକ ଚାଲିଥିବା ମାଟ୍ରିକ ପରୀକ୍ଷାରେ ଗତ ୨୧ତାରିଖରେ ଅନୁପସ୍ଥିତ ରହିଥିବା ଏବଂ ଛୁଟି ପାଇଁ ମଧ୍ୟ ପ୍ରଧାନଶିକ୍ଷକଙ୍କ ନିକଟରେ କୌଣସି ଦରଖାସ୍ତ ଆବେଦନ କରି ନ ଥିବାରୁ ଡ୍ୟୁଟିରେ ଅବହେଳା ପାଇଁ ୨ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ଏବଂ କାହିଁକି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ତାଙ୍କ ବିରୁଦ୍ଧରେ ଗ୍ରହଣ କରାଯିବ ନାହିଁ ବୋଲି ଉଲ୍ଲେଖ ରହିଛି । ତେବେ ଏହା ଏକ ଆତ୍ମହତ୍ୟା ନା ଦୁର୍ଘଟଣା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଆଶଙ୍କା କରିଥିବା ଜଣାପଡୁଛି । ତାଙ୍କ ଘର ଗଜପତି ଜିଲା ଖାରେଡ଼ା ଗ୍ରାମରେ ହୋଇଥିବା ବେଳେ ସେ ରାୟଗଡ଼ା ସହରର ରାଣୀଗୁଡା ଫାର୍ମ ଅଞ୍ଚଳର ସୁବାଷ ନଗର ପ୍ରଥମ ଗଳିରେ ରହୁଥିଲେ । ସ୍ୱର୍ଗତ ଚୌଧୁରୀ ଜଣେ ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ହୋଇଥିବାରୁ ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଏବଂ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି ।

# ଆମ୍ବୁଲାନ୍ସ ଧକ୍କାରେ ଆରଏମ୍‌ସି କର୍ମଚାରୀ ମୃତ

ବିଷମକଟକ/ଗୁଣପୁର ୨୩।୨ (ପ୍ରସନ୍ନ କୁମାର ପଣ୍ଡା/ ସଂକେତ ପାତ୍ର)



ପୀତେବାସ ରାଜୁ

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁମାର ଡାମୁଣୀ ନିକଟରେ ସୋମବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ଆରଏମ୍‌ସି କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପୁରୁଣା ଗୁଣପୁର ବ୍ରାହ୍ମଣ ସାହିର ପିତବାସ ରାଜୁ (୫୭) । ସେ ଆରଏମ୍‌ସିରେ ୟାର୍ଡମ୍ୟାନ ଭାବେ କାର୍ଯ୍ୟରତ ଥିଲେ । କାର୍ଯ୍ୟ ସାରି ସେ ବାଇକ୍ ଯୋଗେ ନିଜ ଘର ଗୁଣପୁରକୁ ଯାଉଥିବାବେଳେ କୁମାର ଡାମୁଣୀ ନିକଟରେ ଦୁର୍ଗୀ ଆଡୁ ଆସୁଥିବା ଏକ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା । ବିଷମକଟକ ପୋଲିସ ଖବରପାଇ ଗୁରୁତର ଅବସ୍ଥାରେ ପୀତବାସଙ୍କୁ ଉଦ୍ଧାର କରି ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ବିଳମ୍ବ ହେବାରୁ ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲ ମେଡିକାଲରେ ପହଞ୍ଚି ଡାକ୍ତରଙ୍କ ସହିତ ଆଲୋଚନା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବିଷମକଟକ ଥାନା ଅଧିକାରୀ ସମର୍ପିତ ସ୍ୱାଇଁ ସୂଚନା ଦେଇଛନ୍ତି । ଖବରପାଇ ନିୟନ୍ତ୍ରଣ ବଜାର କମିଟି ସମସ୍ତ କର୍ମଚାରୀ ମେଡିକାଲ ପହଞ୍ଚିଥିଲେ । ପିତବାସଙ୍କ ମୃତ୍ୟୁକୁ ନେଇ ଗୁଣୁପୁର ସହରରେ ଶୋକର ଛାୟା ଖେଳିଯାଇଛି ।

# ୬୦ ଲକ୍ଷ ଟଙ୍କା ଋଣ ହଡ଼ପ ମାମଲା, ସାମ୍ବାଦିକ ଗିରଫ

ଗୁଣପୁର, ୨୩।୨(ସଂକେତ ପାତ୍ର )



ଗ୍ରାମାଞ୍ଚଳର ଆଦିବାସୀ ମହିଳାଙ୍କ ନାମରେ ଘରୋଇ ଫାଇନାନ୍ସ କମ୍ପାନୀରୁ ପ୍ରାୟ ୬୦ଲକ୍ଷ ଟଙ୍କା ଋଣ ଉଠାଇ ହଡ଼ପ ମାମଲାରେ ବ୍ରହ୍ମପୁର ପୋଲିସ ଗୁଣପୁରର ସାମ୍ବାଦିକ ରଞ୍ଜିତ ପାଢ଼ୀ ଓରଫ ମିଲି ପାଢ଼ୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ପାଢ଼ୀ ବ୍ରହ୍ମପୁର ଓପିଆଇଡି ସ୍ୱତନ୍ତ୍ର କୋର୍ଟରେ ଜାମିନ ପାଇଁ ଆବେଦନ କରି ଆତ୍ମସମର୍ପଣ କରିଥିଲେ । ବିଚାରପତି ଅଭିଯୁକ୍ତଙ୍କ ଜାମିନକୁ ଖାରଜ କରି ତାଙ୍କୁ ଜେଲ ହାଜତକୁ ପଠେଇ ଦେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିବା ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ସୋମବାର ସୂଚନା ଦେଇଛନ୍ତି । ଅଭିଯୁକ୍ତ ପାଢ଼ୀଙ୍କ ନାମରେ ଅନେକ ସଙ୍ଗୀନ ଅଭିଯୋଗ ରହିଥିବା ବେଳେ ପୋଲିସ ଡାଏରିରେ ଫେରାର ତାଲିକାରେ ତାଙ୍କ ନାମ ରହିଥିଲା ।

ଉଲ୍ଲେଖ ଯୋଗ୍ୟ, ୨୦୨୨ରେ ଗୁଣପୁର ସନ୍ତୋଷିନୀ ଗ୍ଲୋବାଲ କମ୍ପ୍ୟୁଟର ସେଣ୍ଟର ମାଲିକ ଦେବାଶିଷ ମିଶ୍ର ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କ ସହ କିମାଖୋଲା ଗ୍ରାମକୁ ଯାଇ ମହିଳା ମଣ୍ଡଳୀ ସଦସ୍ୟାଙ୍କୁ ଭେଟିଥିଲେ । ସେମାନଙ୍କ ନାମରେ ଋଣ ନେଇ ସିଲେଇ କେନ୍ଦ୍ର, ଘରୋଇ କ୍ଲିନିକ, ହସ୍ପିଟାଲ, ଏମ.କେ ରାଇ ଓ ଡମ୍ବସରାରେ ଜନସେବା କେନ୍ଦ୍ର, କୋଚିଂ ସେଣ୍ଟର ଖୋଲି ସମସ୍ତଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏପରିକି ଋଣ ଏବଂ ସୁଧ ମଧ୍ୟ ନିଜେ ପରିଶୋଧ କରିଦେବେ ବୋଲି ଭରସା ଦେଇଥିଲେ । ଚାକିରି ଲୋଭରେ ମହିଳମାନେ ୩୦ରୁ ୩୫ହଜାର ଟଙ୍କା ଋଣ ନେଇଥିବା କହିଛନ୍ତି । ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଋଣ କରିବା ପରେ ଦେବାଶିଷ ପରବର୍ତ୍ତୀ ସମୟରେ ପରିଶୋଧ କରି ନ ଥିଲେ । ଅନ୍ୟପଟେ ଫାଇନାନ୍ସ କମ୍ପାନୀ କର୍ମଚାରୀ ଗାଁକୁ ଯାଇ ମହିଳାଙ୍କୁ ଟଙ୍କା ଜମା କରିବାକୁ ବାରମ୍ବାର କହିବା ସହ ଚାପ ପକାଇ ଆସୁଥିଲେ । ଏମିତି ସ୍ଥିତିରେ ମହିଳାମାନେ ଦେବାଶିଷଙ୍କ ପୈତୃକ ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇଥିଲେ । ଏଥିରେ ବାପା ସୁରେନ୍ଦ୍ର ମିଶ୍ର ଓ ସାମ୍ବାଦିକ ରଞ୍ଜିତ ପାଢୀ ହସ୍ତକ୍ଷେପ କରିଥିଲେ । ପରେ ପଦ୍ମପୁର ବ୍ଲକ ଡେରିଗାଁ ପଞ୍ଚାୟତର କିମାଖୋଲା ଗ୍ରାମର ମହିଳା ମଣ୍ଡଳୀ ନେତ୍ରୀ ମୃଦୁଳତା ମାଣ୍ଡାଙ୍ଗି ଦେବାଶିଷ ମିଶ୍ର, ପତ୍ନୀ ରଶ୍ମି ମହାପାତ୍ର, ବାପା ସୁରେନ୍ଦ୍ର ମିଶ୍ର ଓ ରଞ୍ଜିତ ପାଢୀଙ୍କ ବିରୋଧରେ ଏତେଲା ଦେଇଥିଲେ । ଏ ନେଇ ଗୁଣପୁର ଥାନାରେ କେସ୍ ନମ୍ବର ୭୭/୨୩ ଅନୁସାରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତମାନେ ଫେରାର ଅଛନ୍ତି । କେବଳ ସୁରେନ୍ଦ୍ର ମିଶ୍ରଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି । ଉକ୍ତ ମାମଲା ବ୍ରହ୍ମପୁର ଓପିଆଇଡି ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତର ହୋଇଥିଲା । ସୂଚନାଯୋଗ୍ୟ ଅଭିଯୁକ୍ତ ପାଢ଼ୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ୪ ଥର ଖାରଜ କରିଥିଲେ ।

# ବାଇକ୍ ଧକ୍କାରେ ଯୁବକ ମୃତ

ଗୁଣପୁର, ୨୩।୨(ସଂକେତ ପାତ୍ର )



ରାମଚନ୍ଦ୍ର ନାୟକ

ଗୁଣପୁର ବ୍ଲକ୍ ପୁରୁଣା ସେର୍ମା ନିକଟରେ ରବିବାର ସନ୍ଧ୍ୟା ୭ଟାରେ ଏକ ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ରାମଚନ୍ଦ୍ର ନାୟକ (୪୦) । ରାମଚନ୍ଦ୍ର ନିଜ ବାଡ଼ କାମ ସାରି ଘରକୁ ଫେରୁଥିବାବେଳେ ରାସ୍ତା ପାର୍ଶ୍ୱରେ ଠିଆ ହୋଇ ମୋବାଇଲରେ କଥା ହେଉଥିଲେ । ଏହି ସମୟରେ ନାଇରା ଅଞ୍ଚଳର ଟି. ପ୍ରଭାକର (୨୬) ଏକ ବାଇକ୍ ନଂ (ଓଡି୧୮ସି ୦୯୭୨)ରେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୁଣପୁର ସରକାରୀ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଏକ ମେଡିକାଲରକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଛି ।

# ପୋଡ଼ି ହୋଇଥିବା ଛାତ୍ରଙ୍କୁ ଭେଟିଲେ ଜିଲା ଶିକ୍ଷାଧିକାରୀ

## ଅର୍ଥ ଅଭାବ ଯୋଗୁ ଚିକିତ୍ସାରେ ଅସୁବିଧା

ଜି.ଉଦୟଗିରି,୨୩।୨(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଆଡାସିକୁପା ଠାରେ ଥିବା ନବଜ୍ୟୋତି ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଭିନସେଣ୍ଟ ଡିଗାଲଙ୍କ ନିଆଁରେ ପୋଡ଼ି ହୋଇ ଗୁରୁତର ଅଛନ୍ତି । ଧରିତ୍ରୀରେ ଏ ନେଇ ଖବର ପାଇବା ପରେ ସୋମବାର ଜିଲା ଶିକ୍ଷାଧିକାରୀ ରାଜେଶ ସ୍ୱାଇଁ ଗୁରୁତର ଛାତ୍ର ଭିନସେଣ୍ଟଙ୍କ ଘରକୁ ଯାଇ ଭଲ ଚିକିତ୍ସା କରିବାକୁ ପରାମର୍ଶ ଦେଇଛନ୍ତି । କିନ୍ତୁ ଅଭିଭାବକ ଆର୍ଥିକ ସମସ୍ୟା ମଧ୍ୟରେ ଥିବାରୁ ତାଙ୍କ ଚିକିତ୍ସା ହୋଇପାରୁନି । ବିଦ୍ୟାଳୟ ତରଫରୁ କୌଣସି ସହାୟତା ନାହିଁ । ଏପରିକି ପ୍ରଧାନ ଶିକ୍ଷକ ଟଙ୍କା ଖର୍ଚ୍ଚ ହେବ ବୋଲି ମେଡିକାଲ ନେବାପାଇଁ ମଧ୍ୟ ବ୍ୟବସ୍ଥା କରିବାରେ ଅବହେଳା କରିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ମା ଛେଉଣ୍ଡ ପିଲାଟି ୮ ଦିନ ହେଲା ଚିକିତ୍ସା ନ ପାଇ କଷ୍ଟ ପାଉଛି । ଏପଟେ ବାପା ମୁଲ ନ ଗଲେ ଘରେ ଚୁଲି ଜଳୁନି । ସ୍କୁଲ ପରିସରରେ ପୋଡ଼ି ହୋଇଥିବା ଛାତ୍ରଙ୍କୁ ଚିକିତ୍ସା ନ କରାଇ ଘରକୁ ପଠେଇ ଦେବା ଦୁଃଖ ଦାୟକ । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବଢୁଥିବା ବେଳେ ଆଗକୁ ଏହାର ବିରୋଧ କରାଯିବା ସହ ଉପରିସ୍ଥ ଅଧିକାରୀ, ଜିଲାପାଳ, ଶିକ୍ଷା ସଚିବ, ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବ ବୋଲି ସୂଚନା ମିଳିଛି ।

# ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ ଏଡିଏମ୍



ଶିବିରରେ ଏଡିଏମ୍, ଏସ୍‌ପି ଏବଂ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି ।

## ଚନ୍ଦ୍ରପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ଚନ୍ଦ୍ରପୁର, ୨୩।୨ (ବିଜୟ ପ୍ରାସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ସଦ୍‌ଭାବନ ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୫୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୧୧ଟି ବ୍ୟକ୍ତିଗତ ଏବଂ ୩୯ଟି ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ରାସ୍ତା, ସ୍ୱାସ୍ଥ୍ୟ, ଜମିଜମା, ଶିକ୍ଷା, ବାର୍ଦ୍ଧକ୍ୟ ଭତ୍ତା, ଅନ୍ତ୍ୟୋଦୟ ଯୋଜନାରେ ଚାଉଳ କାର୍ଡ ପ୍ରଦାନ, ଅଙ୍ଗନୱାଡି ଗୃହ ପ୍ରଦାନ ପ୍ରଭୃତି କ୍ଷେତ୍ରରେ ଅଭିଯୋଗ ଆସିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ତୁରନ୍ତ ଅଭିଯୋଗର ତଦନ୍ତ କରି ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ରାୟଗଡ଼ା ଏସ୍‌ପି ସ୍ୱାତୀ ଏସ୍ କୁମାର, ଗୁଣପୁର ଉପଜିଲାପାଳ ଅଭିଷେକ ଦିଲୀପ ଦୁଧାଲ, ପିଡି ଡିଆର୍‌ଡିଏ ଅକ୍ଷୟ କୁମାର ଖେମୁଣ୍ଡି, ଡିଏଫ୍‌ଓ ସଚିନ ଆନ୍ନା ସାହେବ ଓହୋଲ, ବିଡିଓ ସାମ୍ୟକାନ୍ତ ବାଗୋଲୋ, ତହସିଲଦାର ସୁନୀଲ ପ୍ରଧାନ, ବ୍ଲକ ଅଧ୍ୟକ୍ଷ କଇନ କିମ୍ବକା, ସିଡିପିଓ ଗୀତାରାଣୀ ସାହୁ, ବ୍ଲକ ଜିପିଇଓ ରାଜେନ୍ଦ୍ର ପାଲଙ୍କ ସମେତ କୃଷି, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ପୂର୍ତ୍ତ ବିଭାଗ, ସମବାୟ, ଉଦ୍ୟାନ ଭଳି ପ୍ରମୁଖ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# କିସ୍ତି ପଇସା ନ ଦେବାରୁ କାଠଫାଳିଆରେ ଆକ୍ରମଣ

## ଫାଇନାନ୍ସ କମ୍ପାନୀର ଦବଙ୍ଗଗିରି

ବାଲିଗୁଡା,୨୩।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ଫ୍ୟୁଜନ ଫାଇନନ୍ସ କମ୍ପାନୀ ଶାଖା ପରିଚାଳକଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି । କିସ୍ତି ନ ଦେବାରୁ କମ୍ପାନୀର ଶାଖା ପରିଚାଳକ ଦିୱାନା ପ୍ରଧାନ ଉତ୍‌କ୍ଷିପ୍ତ ହୋଇ ଜଣେ ମହିଳାଙ୍କ ସ୍ୱାମୀଙ୍କୁ କାଠ ଫାଳିଆରେ ଆକ୍ରମଣ କରିଛନ୍ତି । ସୂଚନାନୁଯାୟୀ, ବାଲିଗୁଡ଼ା ଥାନା ଅନ୍ତର୍ଗତ ବୁଡୁରୁକିଆ ପଞ୍ଚାୟତ ମାଦିନାଟ ଗାଁର ନିରଜିନି ମଲ୍ଲିକ ଫ୍ୟୁଜନ କମ୍ପାନୀରୁ ଲୋନ ଆଣିଥିଲେ । ପଇସା ପତ୍ର ଅସୁବିଧାରୁ ସେ କିସ୍ତି ଦେଇପାରି ନ ଥିଲେ । ଶାଖା ପରିଚାଳକ ପ୍ରଧାନ ରବିବାର ନୀରଜିନୀଙ୍କ ଘରକୁ ଯାଇ ଜବରଦସ୍ତ କିସ୍ତି ମାଗିବା ସହିତ ଅଶ୍ଳିଳ ଭାଷାରେ ଗାଳି କରିଥିଲେ । ନୀରଜିନୀଙ୍କ ସ୍ୱାମୀ କସିରା ଏହାକୁ ବିରୋଧ କରିବାରୁ ପ୍ରଧାନ ଉତକ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ପଡ଼ିଥିବା ଏକ କାଠ ଫାଳିଆ ଉଠାଇଆଣି ତାଙ୍କୁ ଆକ୍ରମଣ କରିଥିଲେ । ଏଥରେ କସିରା ଗୁରୁତର ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ବାଲିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ଶାଖା ପରିଚାଳକଙ୍କୁ ଅଟକ ରଖିଥିଲେ । ଖବର ପାଇ ବାଲିଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶାଖା ପରିଚାଳକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି । କସିରାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଫୁଲବାଣୀ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଛି । ଅଭିଯୁକ୍ତ ଶାଖା ପରିଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ସଭ୍ୟ ଦୟା ମଲ୍ଲିକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

# ସାଇବର ଠକେଇ ଧରପଗଡ଼, ୪ ଗିରଫ

ଆସିକା,୨୩।୨(ସୁରେନ୍ଦ୍ର ନାଥ ସାହୁ)

ସାଇବର ଅପରାଧି ଧରପଗଡ ଅଭିଯାନରେ ଆସିକା ପୋଲିସକୁ ସଫଳତା ମିଳିଛି । ପୋଲିସ ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଆସିକା ସହର ଉପକଣ୍ଠ ଚିନିଶିଳ୍ପ ନୂଆଗାଁର ସୁମନ୍ତ ରାଉତ, ସାଗର ପ୍ରସାଦ ଜେନା, ଧରାକୋଟ ଥାନା କେ. ରାମଚନ୍ଦ୍ରପୁର ଗ୍ରାମର ଏମ. କାଲୁ ଚରଣ ରେଡି ଏବଂ ଛତ୍ରପୁର ଥାନା ପାଲିଆ ଛତ୍ରପୁରର ବଳିଆ ନାୟକ । ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ଦାମୀ କାର, ୫୦ ହଜାର ଟଙ୍କା, ଜମା ଖାତା ଖୋଲିବା ଫର୍ମ, ବିଭିନ୍ନ ବ୍ୟାଙ୍କର ପ୍ରାୟ ୪୦ଟି ଏଟିଏମ କାର୍ଡ, ୩୨ଟି ପାସବୁକ୍, ବିଭିନ୍ନ ବ୍ୟାଙ୍କର ଚେକ ବହି, ଆଧାର କାର୍ଡ, ପାନ କାର୍ଡ ଓ ୬ଟି ସ୍ମାର୍ଟ ଫୋନ ଜବତ କରିଛି । ଏ ନେଇ ଆସିକା ଥାନାରେ ନଂ.୬୯/୨୬ରେ ମାମଲା ରୁଜୁ କରାଯାଇଛି । ସୁମନ୍ତ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାପଡିଛି । ପୋଲିସ ପ୍ରଥମେ ତାଙ୍କୁ ଜୋରା କଲାବେଳେ ତାହା ନିକଟରୁ ବହୁ ପରିମାଣର କାଗଜପତ୍ର ଓ ତଥ୍ୟ ପାଇଥିବା ସୋମବାର ରାତିରେ ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ନିରିହ ଲୋକଙ୍କ ନାମରେ ଜମା ଖାତାରେ ଟଙ୍କା ଦେଣନେଣ କରି ଏଭଳି ଅପରାଧିକ କାରବାର ଚଳାଇଥିବା ପୋଲିସ ତଦନ୍ତରୁ ଜଣାପଡିଛି । ଗଞ୍ଜାମ ଏସପିଙ୍କ ତତ୍ୱାବଧାନରେ ଆସିକା ପୋଲିସ ପକ୍ଷରୁ ବିଭିନ୍ନ ବ୍ୟାଙ୍କର ଜମା ଖାତା ଯାଞ୍ଚ କରିଥିଲେ । କେତେକ ଜମା ଖାତାରେ ବିପୁଳ ପରିମାଣର ଟଙ୍କା ଦେଣନେଇ ହୋଇଥିବା ଦେଖି ପୋଲିସ ତଦନ୍ତ ବେଳେ ଏହା ସାଇବର ଠକେଇ ବୋଲି ଜଣାପଡିଛି । ଜନସାଧାରଣ କୌଣସି ପରିସ୍ଥିତିରେ କାହାକୁ ନିଜ ବ୍ୟାଙ୍କ ସମ୍ବନ୍ଧିୟ ସୂଚନା ନଦେବା ଲାଗି ପୋଲିସ ପକ୍ଷରୁ ନିବେଦନ କରାଯାଇଛି । ଖବରଦାତା ସମ୍ମିଳନୀରେ ଆସିକା ଥାନା ଅଧିକାରୀ କୁଳମଣି ସେଠୀ, ଅତିରିକ୍ତ ଥାନା ଅଧିକାରୀ ସୌମ୍ୟରଂଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



ଜବତ ଟଙ୍କା ଓ କାଗଜ ପତ୍ର ।

# ଛାତ୍ରୀଛାତ୍ର ଅଧିକ ଗବେଷଣା ପାଇଁ ନିଜକୁ ନିୟୋଜିତ କରିବା ଉଚିତ

## ଜିଆଇଇଟିରେ ଅନ୍ତର୍ଜାତୀୟ ସମ୍ମିଳନୀ 'ବାୟଟ୍ରିପ୍ -୨୦୨୬' ଉଦ୍‌ଘାଟିତ

ଗୁଣପୁର,୨୩।୨( ସୁଜାତା ପାଢ଼ୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ 'ବାୟଟ୍ରିପ -୨୦୨୬ ' ସୋମବାର ଉଦ୍‌ଘାଟିତ ହୋଇଯାଇଛି । 'ଜୈବ ଚିକିତ୍ସା ବିଜ୍ଞାନ ଅଭିନବତା, ମାଲିକାନା, ଅନୁବାଦ ଅନୁସନ୍ଧାନ ଏବଂ ବୌଦ୍ଧିକ ସମ୍ପତ୍ତି ସମ୍ପର୍କିତ ଏବଂ ନୂଆଦିଲ୍ଲୀସ୍ଥିତ ଡିଆର୍‌ଡିଓ, ନୂଆଦିଲ୍ଲୀସ୍ଥିତ ଅମୃତ କୃଷି, ବିଶ୍ୱବିଦ୍ୟାଳୟର ଇ ଯୁବା କେନ୍ଦ୍ର ଏବଂ ଇନ୍‌କୁବାସନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପ୍ରଫେସର ଅମ୍ବିକା ପ୍ରସାଦ ଖାଡ଼ଙ୍ଗା ଯୋଗଦେଇ ଛାତ୍ରୀଛାତ୍ର ଅଧିକରୁ ଅଧିକ ଗବେଷଣା ନିମନ୍ତେ ନିଜକୁ ନିୟୋଜିତ କରିବା ସହ ସମାଜର ମଙ୍ଗଳ ପାଇଁ ଚିନ୍ତା କରିବା ପାଇଁ କହିଥିଲେ । ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନୁପମା ନଂବୁରୁ ଯୋଗଦେଇ ବର୍ତ୍ତମାନ ନୂତନ ବୈଷୟିକ ଜ୍ଞାନକୁ ଚିକିତ୍ସା ବିଜ୍ଞାନରେ ଉପଯୋଗ କରିବା ଦ୍ୱାରା ଜଟିଳ ରୋଗରୁ ଉପଶମ ମିଳିବ ବୋଲି ମତପ୍ରକାଶ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ବୌଦ୍ଧିକ ସମ୍ପତ୍ତିର ଆବଶ୍ୟକତା ଏବଂ ଏହାର ଉପଯୋଗିତା ବିଷୟରେ କହିଥିଲେ । ଉପ କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା ଯୋଗଦେଇଥିଲେ । ସମ୍ମିଳନୀରେ ଦେଶ ତଥା ବିଦେଶର ବହୁ ଗବେଷକ ସେମାନଙ୍କର ସନ୍ଦର୍ଭ ପାଠ କରିବା କାର୍ଯ୍ୟକ୍ରମ ରହିଛି ।

**ସଂକ୍ଷେପରେ**

## ଜେନେରେଟର ଚୋରି ନେଇ ଥାନାରେ ଅଭିଯୋଗ

ଡାବୁଗାଁ, ୨୩।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ଜେନେରେଟର ଚୋରୀ ହୋଇଥିବା ନେଇ ସୋମବାର ଅଭିଯୋଗ ହୋଇଛି। ଡାବୁଗାଁ ପୋଲିସ କେସ ନଂ ୩୬/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟଯେ, ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗ୍ରାମର ଲିଙ୍କି ପ୍ରିୟଦର୍ଶନୀ ସାମଲ ବରିମୁଣ୍ଡା ଗ୍ରାମ ନିକଟରେ ଏକ ନୂତନ ଘର ତିଆରି କରୁଛନ୍ତି। ସେଠାରେ ବିଦ୍ୟୁତ ସଂଯୋଗ ନାହିଁ। ତେଣୁ କାମ କରିବା ପାଇଁ କଣେଣ୍ଟ ଆବଶ୍ୟକ ଥିବାରୁ ସେ ଏକ ଜେନେରଟର କ୍ରୟ କରି ରଖିଥିଲେ। ଉକ୍ତ ଜେନେରେଟର ସାହାଯ୍ୟରେ କାମ କରାଯାଉଥିଲା। ରବିବାର ସକାଳେ ଲିଙ୍କି ପ୍ରିୟଦର୍ଶନୀ ନିଜର ନୂତନ ଘରକୁ କାମ କେତେ ହୋଇଛି ବୋଲି ଦେଖିବାକୁ ଯାଇଥିଲେ। ସେଠାରେ ଯାଇ ଜାଣିବାକୁ ପାଇଥିଲେ ଯେ ଶନିବାର ରାତିରେ ତାଙ୍କର ଜେନେରେଟର ଚୋରି ହୋଇଯାଇଛି। ସେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଏହାପରେ ସେ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏଏସ୍ଆଇ ସସ୍ମିତା ଦାଶ ଘଟଣାର ତଦନ୍ତ କରୁଛନ୍ତି ।

## ଅନ୍‌ଲୋଡବେଳେ ଓଲଟିଲା ହାଇୱା

### ଅଳ୍ପକେ ବର୍ତ୍ତିଗଲେ ଚାଳକ, ହେଲ୍‌ପର

ଦଶମନ୍ତପୁର, ୨୩।୨ (ଅରବିନ୍ଦ ନାୟକ)

ଅନ୍‌ଲେଡ କରିବାବେଳେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧୀନ ଲଦିବେଢ଼ା ଗାଁ ନିକଟରେ ଚିପ୍ସ ବୋଝେଇ ହାଇୱା ଭାରସାମ୍ୟ ହରାଇ ସୋମବାର ଓଲଟି ପଡ଼ିଛି। ଦୁର୍ଘଟଣାରେ କିନ୍ତୁ ଚାଳକ ଓ ହେଲ୍‌ପର ଅଳ୍ପକେ ବର୍ତ୍ତିଯାଇ ଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ସୂଚନାନୁଯାୟୀ, ସୋମବାର ଅପରାହ୍ନରେ (ଓଡି-୧୦ଭି-୪୫୪୫) ନମ୍ବର ବିଶିଷ୍ଟ ଏକ ହାଇୱା କାକିରିଗୁମ୍ମା ପଥର କ୍ରସରଠାରୁ ଚିପ୍ସ ଲୋଡ କରି ଯାଉଥିଲା। ଲଦିବେଢ଼ା ନିକଟରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣିଟାଙ୍କି କାମ ପାଖରେ ଅନ୍‌ଲୋଡ କରିବା ବେଳେ ଗାଡ଼ିଟି ଓଲଟି ପଡ଼ିଥିଲା। ଦୁର୍ଘଟଣାରୁ କିନ୍ତୁ ଗାଡ଼ିଚାଳକ ବର୍ତ୍ତି ଯାଇଛନ୍ତି।

## ଅଦିନିଆ ବର୍ଷାରେ ଅନ୍ଧାର ୨ ସହର

ସୁନାବେଡ଼ା, ୨୩।୨ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ାରେ ସୋମବାର ସନ୍ଧ୍ୟାରେ ହଠାତ ଆରମ୍ଭ ହୋଇଥିଲା ଅଦିନିଆ ବର୍ଷା। ବର୍ଷା ହେବାର କିଛିକ୍ଷଣ ଭିତରେ ଉଭୟ ସୁନାବେଡ଼ା ଓ ସେମିଲିଗୁଡ଼ା ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା। ଦୀର୍ଘ ସମୟ ଧରି କରେଣ୍ଟ ଆସି ନ ଥିଲା। ଏ ନେଇ ବିଦ୍ୟୁତ୍ ବିଭାଗ ସୁନାବେଡା ଏସ୍‌ଡିଓ ଗୋପାଳ କୃଷ୍ଣ ପ୍ରଧାନଙ୍କୁ ପଚରିବାରୁ କିଛି ନାହିଁ। ଶୀଘ୍ର ହୋଇଯିବ ବୋଲି କହି ଫୋନ କାଟି ଦେଇଥିଲେ। ପ୍ରକାଶଯେ, ଏବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଚାଲୁଥିବା ସମୟରେ କରେଣ୍ଟ ନ ଥିବାରୁ ପିଲାମାନଙ୍କର ଅସୁବିଧା ହେଉଥିବା ଅଭିଭାବକ ମତ ଦେଇଛନ୍ତି।

# ରାଇଘରରେ ଆଞ୍ଚଳିକ 'ଗୋଣ୍ଡି' ଭାଷାରେ ପ୍ରାରମ୍ଭିକ ଶିକ୍ଷା



କର୍ମଶାଳାରେ ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ଉମରକୋଟ/ନବରଙ୍ଗପୁର, ୨୩।୨ (ସନ୍ତୋଷ ଶତପଥୀ/ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍‌ରେ ଆଞ୍ଚଳିକ 'ଗୋଣ୍ଡି' ଭାଷାରେ ପ୍ରାରମ୍ଭିକ ଶିକ୍ଷା କେନ୍ଦ୍ର ବା ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନେ ଶିକ୍ଷା ଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସୋମବାର 'ଆମେ ପଢ଼ିବା ଆମ ଭାଷାରେ' ଏକଦିବସୀୟ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାକୁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ଡିଆଇଇଟି ଅଧକ୍ଷ ଓଁକାର ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ ବେହେରା, ବିଡିଓ ମନୋଜ ମେହେର, ପିରାମଲ୍ ଫାଉଣ୍ଡେଶନ ଅଧିକାରୀ ବିକ୍ରମ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଛୋଟ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ କଥୋପକଥନ, ଶିକ୍ଷାଦାନ, 'ନୂଆ ଅରୁଣିମା' ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁ ପିଲାଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃ ରୂପାୟନ, ଅଙ୍ଗନୱାଡି କର୍ମୀଙ୍କୁ ଏ ଦିଗରେ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥି କହିଥିଲେ। ନିଜ ଭାଷାରେ ଶିଶୁମାନେ ଖେଳ, କାହାଣୀ, ଗୀତ ଓ କଥୋପକଥନ ମାଧ୍ୟମରେ ଶିକ୍ଷାର ପ୍ରଥମ ସୋପାନରେ ଅନ୍ତର୍ଭୁକ୍ତ ହେବେ। ଏହି ଅବସରରେ ପାଇଲଟ୍ ପଦକ୍ଷେପ ସ୍ୱରୂପ ନବରଙ୍ଗପୁର ଜିଲାର ରାଇଘର ବ୍ଲକ୍ ୩୦ ଅଙ୍ଗନୱାଡି କେନ୍ଦ୍ରରେ ସ୍ଥାନୀୟ ଗୋଣ୍ଡି ଭାଷାରେ ୩ ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ମାତୃଭାଷା ଆଧାରିତ ଶିକ୍ଷା ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା 'ଆମେ ପଢ଼ିବା ଆମ ଭାଷାରେ' ଯୋଜନାକୁ ୬ ଜନଜାତି ଜିଲା ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ ଓ କେଉଁଝରର ୧୮୦ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟକାରୀ କରାଯିବ। ବୈଠକରେ ରାଇଘର ବ୍ଲକ୍‌ରୁ ଅଙ୍ଗନୱାଡି କର୍ମୀ, ବହୁଭାଷୀ ଶିକ୍ଷକ, ରାଇଘର ସରପଞ୍ଚ ଓ ଅଭିଭାବକ, ରାଇଘର ବିଇଓ ବିକାଶ ଚନ୍ଦ୍ର ସରକାର, ରାଇଘର ଏବିଡିଓ ଏବଂ ଖବରଦାତାମାନେ ଉପସ୍ଥିତ ଥିଲେ।

## ନାରୀ ମହାସଂଘ, ପୋଲିସକୁ ନେଇ ମିଳିତ କମିଟି ଗଠନ ଦାବି



ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର, ୨୩।୨ (ସଦାଶିବ ପ୍ରହରାଜ)

**ମଦମୁକ୍ତି ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର**

- ବେଆଇନ ମଦ ବ୍ୟବସାୟୀ, ନିଶାସକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଅବକାରୀ ବିଭାଗ ନିୟମକୁ ଉଲ୍ଲଘଂନ କରି ତେନ୍ତୁଳିଖୁଣ୍ଟି ବ୍ଲକରେ ଚାଲିଛି ବେଆଇନ୍ ମଦ ବ୍ୟବସାୟ। ନିଶାସକ୍ତମାନେ ଗାଁରେ ଅଶାନ୍ତିକର ପରିବେଶ ସୃଷ୍ଟି କରୁଛନ୍ତି। ତେଣୁ ମଦ ଦୋକାନୀ ଓ ନିଶାସକ୍ତଙ୍କ ବରୋଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ନିଶାମୁକ୍ତି ଅଭିଯାନରେ ସାମିଲ ନାରୀ ସଂଘମାନଙ୍କୁ ପୋଲିସ ସହଯୋଗ କରନ୍ତୁ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଗାଁରେ ଦିନକୁ ଦିନ ବେଆଇନ୍ ମଦ ବ୍ୟବସାୟ, ମଦ ଦୋକାନ ଓ ମଦ୍ୟପ ମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ନିଶାସକ୍ତମାନେ ଗାଁରେ ବିଭିନ୍ନ ପ୍ରକାର ହିଂସା ଓ ଅନୈତିକ କାର୍ଯ୍ୟ କରୁଛନ୍ତି। ଗ୍ରାମ ସଭାର ବିନା ଅନୁମତିରେ ମଧ ବେଆଇନ ମଦ ଦୋକାନ ଚାଲିଛି ବୋଲି ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ବେଆଇନ ମଦ ବ୍ୟବସାୟ, ମଦ ଦୋକାନ ଓ ମଦ୍ୟପାନ କରି ଅଶାନ୍ତି ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଦ୍ଧରେ କାର୍ଯ୍ୟନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ଲକ ମଧରେ ଚାଲିଥିବା ଦେଶୀ ତଥା ବିଦେଶୀ ମଦ ଦୋକାନ, ମଦ ଭାଟି ବନ୍ଦ, ବେଆଇନ୍ ମଦ ବ୍ୟବସାୟୀଙ୍କୁ ଗିରଫ କରିବକୁ ଦାବି ହୋଇଛି। ଏସ୍ଏଚ୍‌ଜି ଓ ନାରୀ ମହାସଂଘ ଦ୍ୱାରା ଚିହ୍ନଟ ନିଶାସକ୍ତଙ୍କୁ ଗିରଫ, ମଦ ମୁକ୍ତ ଅଭିଯାନକୁ ସୁଦୃଢ଼ କରିବା ନିମନ୍ତେ ନାରୀ ମହାସଂଘ ଓ ପୋଲିସକୁ ନେଇ ମିଳିତ କମିଟ ଗଠନ ଦାବି ହୋଇଛି। ପ୍ରତ୍ୟେକ ଗ୍ରାମରେ ନାରୀ ମହାସଂଘର ବୈଠକ ନିମନ୍ତେ ସଭାଗୃହ ଯୋଗାଇବା, ମଦ ବ୍ୟବସାୟୀ ନିମନ୍ତେ ନିତି ନିୟମ ବିଷୟରେ ଅବକାରୀ ବିଭାଗ ଦ୍ୱାରା ସଚେତନ କାର୍ଯ୍ୟକ୍ରମ କରାଯିବାକୁ ଦାବି ହୋଇଛି। ଦାବିପତ୍ର ଦେବାକୁ ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଗ୍ରାମର ମହିଳା ଆସିଥିଲେ।

## କେନାଲରୁ ଗଳିତ ମୃତଦେହ ଜବତ: ହତ୍ୟା ସନ୍ଦେହ

ବୋରିଗୁମ୍ମା, ୨୩।୨ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମାସ୍ଥିତ ଦାସିରି ସାହିର ନିଖୋଜ ଥିବା ଅନୁଷ୍କା ପରିଡ଼ା(୪୫) ଓ ତାଙ୍କ ପୁଅ ଏହେମ୍(୧୩) ନିଖୋଜ ରହିଥିବା ଅଭିଯୋଗ ହୋଇଥିଲା। ଉଭୟଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ନିଖୋଜର ଦୁଇଦିନ ପରେ କୋଟପାଡ଼ ଥାନା ଅଧୀନ ଅଣ୍ଡରାମୁଣ୍ଡା କେନାଲରୁ ଏକ ଗଳିତ ମୃତଦେହ ଜବତ କରାଯାଇଛି। ସୂଚନାନୁଯାୟୀ, ଅଣ୍ଡରାମୁଣ୍ଡା କେନାଲରେ ଏକ ଅଖାରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ କୋଟପାଡ଼ ଥାନାରେ ଖବରଦେଇଥିଲେ। ଏହା ଏହେମଙ୍କ ମୃତଦେହ ବୋଲି ଚିହ୍ନଟ ହୋଇଥିଲା। ମହିଳାଙ୍କ ନାବାଳିକା ଝିଅଙ୍କ ପ୍ରେମକୁ ନେଇ ଉଭୟଙ୍କୁ ହତ୍ୟା କରାଯାଇଥିବା ଅନୁଷ୍କାଙ୍କ ଭାଇ ସତ୍ୟବାନ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଯାଏ ନିଖୋଜ ମହିଳାଙ୍କ କୌଣସି ଖବର ମିଳିନାହିଁ। ଅନୁଷ୍କା ଜୀବିତ ଅଛନ୍ତି ନା ମୃତ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି। କୋରାପୁଟ ସାଇଣ୍ଟିଫିକ୍ ଟିମ୍ ଦାସିରି ସାହିସ୍ଥିତ ମହିଳାଙ୍କ ଘରକୁ ଯାଇ ତଦନ୍ତ ଆରମ୍ଭ କରିଛି। କାନ୍ଥରେ ରକ୍ତ ଛିଟା ଲାଗିଥିବା ଓ ହତ୍ୟାର ଅନୁରୂପ ପ୍ରମାଣ ପାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଥାନା ଆଇଆଇସି ରାମାନନ୍ଦ ସାହୁ ଓ ଅନ୍ୟ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି। ଏ ନେଇ ନଂ.୪୫/୨୬ରେ ମାମଲା ରୁଜୁ କରାଯାଇଛି। ହତ୍ୟା ସନ୍ଦେହରେ ପୋଲିସ ନାବାଳିକା ଓ ତାଙ୍କ ପ୍ରେମିକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

## ଉମରକୋଟରେ ପରିବହନ ବିଭାଗର ଅତିରିକ୍ତ କାର୍ଯ୍ୟାଳୟ ଖୋଲିବାକୁ ନିବେଦନ

ନବରଙ୍ଗପୁର, ୨୩।୨ (ସଦାଶିବ ପ୍ରହରାଜ)

ରାଜ୍ୟ ପରିବହନ କମିଶନର ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅମିତାଭ ଠାକୁରଙ୍କୁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ରାଜ୍ୟ କମିଟି ସଭାପତି ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ କୁମାର ନନ୍ଦ ଶନିବାର ଭେଟିଛନ୍ତି। ନବରଙ୍ଗପୁର ଜିଲା ପରିବହନ ବିଭାଗର ସମସ୍ୟା ଓ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଉମରକୋଟରେ ପରିବହନ ବିଭାଗର ଅତିରିକ୍ତ କାର୍ଯ୍ୟାଳୟ ଖୋଲିବାକୁ ସେ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତ୍ୟେକ ସପ୍ତାହରେ ୨ ଦିନ ଉମରକୋଟରେ କ୍ୟାମ୍ପ କାର୍ଯ୍ୟାଳୟ ଖୋଲି ଜନସାଧାରଣଙ୍କୁ ପରିବହନ ସେବା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ନବରଙ୍ଗପୁର ଜିଲାରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅଧିକ ପାଣ୍ଠି ବ୍ୟବସ୍ଥା, ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କୁ ଯାଞ୍ଚରେ ଆବଶ୍ୟକୀୟ ସମସ୍ତ ସରଞ୍ଜାମ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ନବରଙ୍ଗପୁର ଜିଲାରେ ଦୁର୍ଘଟଣାର ହାର ଅନ୍ୟ ଜିଲାଠାରୁ ଅଧିକ ହୋଇଥିବାରୁ ପରିବହନ ବିଭାଗର ଚେକିଂ ଓ ସୁରକ୍ଷା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ନିବେଦନ କରିଥିଲେ। ନବରଙ୍ଗପୁର ଜିଲାର ପରିସୀମା ଓ ଗାଡିମଟର ସଂଖ୍ୟାକୁ ଦୃଷ୍ଟିରେ ରଖି ପରିବହନ କାର୍ଯ୍ୟାଳୟରେ ଅଧିକ ଚେକିଂ ଷ୍ଟାପ୍ ନିଯୁକ୍ତି କରିବାକୁ ସେ ଅନୁରୋଧ କରିଥିଲେ। ରାଜ୍ୟ ସରକାର ପରିବହନ କାର୍ଯ୍ୟାଳୟ ଓ ଅତିରିକ୍ତ କାର୍ଯ୍ୟାଳୟ ଖୋଲିବା ପାଇଁ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସେତେବେଳେ ଉମରକୋଟ କଥା ବିଚାର କରାଯିବ ବୋଲି ପରିବହନ କମିଶନର ପ୍ରତିଶ୍ରୁତି ଦେଇଥିଲେ। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ପାଇଁ ଖୁବ୍ ଶୀଘ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ଘୋଷଣା କରାଯିବ ବୋଲି ପରିବହନ କମିଶନର ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

## ମାର୍ଚ୍ଚ ୨୪ରୁ ମାଁ କଳସୀ ଠାକୁରାଣୀଙ୍କ ଯାତ୍ରା

### କଳସୀ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ରାଇଘର, ୨୩।୨ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ଚଳିତ ବର୍ଷ ହେବାକୁ ଥିବା ପ୍ରସିଦ୍ଧ ମାଁ କଳସୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମାଁ କଳସୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଗାଁ ମୁଖିଆ (ଗାଉଣ୍ଟିଆ) କମଲସିଂ ରାଜପୁତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍ଦଲ ଗଣ୍ଡ, ବିଲୁସିଂ ରାଜପୁତ, କିରଣ ପଟ୍ଟନାୟକ, ଶ୍ରୀରାମ ସୁନାନୀ ପ୍ରମୁଖଙ୍କ ସମେତ ସାତପାଲି ଗ୍ରାମର ସମସ୍ତ ସିଆନ ମୁଖିଆ, ପୂଜାରୀ, ଶିରହା , ନେଙ୍ଗୀ ପାତ୍ର ,ଦଣ୍ଡସେନା, ଗାଇଁତା, ଧୁରୁଆ, ସାମପୁରିଆ, ସମରଥ ,ଡେଙ୍ଗୁରମୁଣ୍ଡିଆ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହି ବୈଠକରେ ଗତବର୍ଷ ମଣ୍ଡେଇ ଯାତ୍ରାର ସମସ୍ତ ଆୟବ୍ୟୟ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଚଳିତ ବର୍ଷର ସାତପାଲି ଗ୍ରାମର କଳସୀ ମଣ୍ଡେଇ ପୂଜା କାର୍ଯ୍ୟକ୍ରମ ନିମନ୍ତେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା। ଦେବେନ୍ଦ୍ର ମିଶ୍ରଙ୍କୁ ସଭାପତି ଉପସଭାପତି ଭାବେ ମନୋନୀତ କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୨୪ରୁ ମାଁ କଳସୀ ଠାକୁରାଣୀଙ୍କ ଯାତ୍ରା ଓ ଗ୍ରାମ ପରିକ୍ରମା ଆରମ୍ଭ ହେବ। ମାର୍ଚ୍ଚ ୩୧ରୁ ୪ଦିନ ବ୍ୟାପି ମଣ୍ଡେଇ (ମେଳା) ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ତେନ୍ତୁଳିଖୁଣ୍ଟିରେ ବ୍ଲକ ସାମ୍ବାଦିକ ପ୍ରକୋଷ୍ଠ ଉଦ୍‌ଘାଟନ

ତେନ୍ତୁଳିଖୁଣ୍ଟି, ୨୩।୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଏକ ସାମ୍ବାଦିକ ପ୍ରକୋଷ୍ଠ ଶୁଭ ଉଦ୍‌ଘାଟନ କରାଯାଇଛି। ଏହି ଉଦଘାଟନୀ ସମାରୋହରେ ବିଡିଓ ମନୋଜ କୁମାର ପାଣିଗ୍ରାହୀ, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରଣବ କୁମାର ଟୁଡ୍ଡୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ, ବ୍ଲକ ଯୋଗାଣ ନିରୀକ୍ଷକ ରୋହିତ କୁମାର ମାଝୀ, ଏଏସ୍ଆଇ ଭରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ନିରପେକ୍ଷ ଓ ନିର୍ଭିକ ଭାବେ ଖବର ପ୍ରସାରଣ କରି ଏକ ପ୍ରଗତିଶୀଳ ଓ ସୁସ୍ଥ ସମାଜ ଗଠନ କରିବା ଦିଗରେ ସହାୟକ ହେବାକୁ ଅତିଥିମାନେ କହିଛନ୍ତି। ବ୍ଲକର ୧୫ ପଞ୍ଚାୟତର କୋଣ ଅନୁକୋଣରୁ ଖବର ସଂଗ୍ରହ କରି ପ୍ରକାଶ କରୁଥିବା ଖବରଦାତାଙ୍କ ପାଇଁ ଏହି ପ୍ରକୋଷ୍ଠ ଏକ ବିଶ୍ରାମ ସ୍ଥାନ ହେବ। ଏଥିସହିତ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଅଭିଯୋଗ ପ୍ରକୋଷ୍ଠ ଭାବେ କାର୍ଯ୍ୟରେ ଆସିବ ବୋଲି କାର୍ଯ୍ୟରତ ଖବରଦାତାମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମଟିକୁ ଶେଖର ଖୁରା ପରିଚାଳନା କରିଥିଲେ।

## ଅଭିଯୋଗର ଶୁଣାଣି, ହିତାଧିକାରୀଙ୍କୁ ସହାୟତା ପ୍ରଦାନ

ନବରଙ୍ଗପୁର, ୨୩।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକସ୍ଥିତ ସୁଭଦ୍ରା ଶକ୍ତି ସମ୍ମିଳନୀ ଗୃହରେ ଜିଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଓ ଏସ୍‌ପି ଓମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧକ୍ଷତାରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ମନୋଜ ମେହେରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୦ ବ୍ୟକ୍ତିଗତ ଓ ୧୦ ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗମାନଙ୍କୁ ୧୦ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ୩ଜଣ ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ କରାଯାଇଥିଲା। ୯ ଜଣ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା। ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୩ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଛି।



ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଅବସରରେ ଅଧିକାରୀମାନେ।

## ୮ ଦଫା ଦାବି ନେଇ ଠିକାଦାର ସଂଘର ବିକ୍ଷୋଭ



ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାର ସଂଘ ସଦସ୍ୟମାନେ ଧାରଣା ଦେଉଛନ୍ତି।

ଉମରକୋଟ, ୨୩।୨ (ସନ୍ତୋଷ ଶତପଥୀ)

ଥମୁନି ଠିକାଦାରଙ୍କ ଅସନ୍ତୋଷ। ଠିକାଦାର ସଂଘ ବିଭିନ୍ନ ଦାବି ନେଇ ଭୁବନେଶ୍ୱରରେ ଆନ୍ଦୋଳନ ଜାରି ରହିଥିବା ବେଳେ ଏବେ ଏହାର ପ୍ରଭାବ ଜିଲାସ୍ତରରେ ଦେଖିବାକୁ ମିଳିଛି। ୧୪.୯୯ ପ୍ରତିଶତ 'ଲେସ୍ ସର୍କୁଲାର'କୁ ରଦ୍ଦ ସହ ୮ ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଠିକାଦାର ସଂଘ ନିଷ୍ପତ୍ତି କ୍ରମେ ନବରଙ୍ଗପୁର ଜିଲା ଉମରକୋଟରେ ବି,ସି, ଡି ଠିକାଦାର ସଂଘ ସଦସ୍ୟ କୁରୁମା ରାଓଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗ, ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାର ଦାବି ନ ମାନିବା ଯାଏ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ରହିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ବିଭିନ୍ନ ବ୍ରିଜ ଓ କୋଠା ନିର୍ମାଣ କାମ ସହ ଉନ୍ନୟନମୂଳକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆ ଯାଇଛି। ଫଳରେ ନିହାତି ଆବଶ୍ୟକ ହେଉଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆଗକୁ ବର୍ଷା ଦିନ ଆସୁଛି। ଠିକାଦର କାମ ବନ୍ଦ କଲେ ତାହେଲେ ମୁଖ୍ୟ ରାସ୍ତା ଗୁଡିକରେ କରାଯାଉଥିବା ବ୍ରିଜ କାମ ଆଗେଇ ପାରିବ ନାହିଁ। ଯାହା ଫଳରେ ବର୍ଷା ଋତୁରେ ସ୍ଥାନୀୟ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି। ସରକାର ଏହି ଦାବି ପୂରଣ ନ କରିବା ଯାଏ କୌଣସି କାର୍ଯ୍ୟ କରାଯିବ ନାହିଁ ବୋଲି ସଂଘ ଜିଦ ଧରିଛି। ଏହି ବିକ୍ଷୋଭରେ ବି, ସି,ଡି ଠିକାଦାର ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ।

